| | | | |
|---|---|---|---|
| Publication: | **Hiranchal** | Edition: | **Bhubaneshwar** |
| Published Date: | **25 Sep 2015** | Page No.: | **3** |
| | | Display: | **1/1** |

# ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ 'ଟିସିଏସ୍ ଆଇଟି ୱିଜ୍' ବିଜେତା




ଭୁବନେଶ୍ବର,୨୪/୯(ହୀ.ପ୍ର): ପ୍ରମୁଖ ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ପ୍ରତିଷ୍ଠାନ, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ ଦ୍ୱାରା ଆୟୋଜିତ ଭାରତର ସର୍ବବୃହତ ଆନ୍ତଃବିଦ୍ୟାଳୟ କ୍ୱିଜ୍, ଟିସିଏସ୍ ଆଇଟି ୱିଜ୍‌ର ଭୁବନେଶ୍ବର ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିହାରସ୍ଥିତ ଜୋ/୭, ପାଲ୍ ହାଇଟ୍‌ସ ରେ ସେପ୍ଟେମ୍ବର ୨୪, ଗୁରୁବାର ଆୟୋଜିତ ଏହି ପ୍ରତିଯୋଗିତାରେ ୪୫ଟି ବିଦ୍ୟାଳୟର ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଷ୍ଟମରୁ ଦ୍ୱାଦଶ ମଧ୍ୟରେ ପଢୁଥିବା ସବୁ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଟିସିଏସ୍ ଆଇଟି ୱିଜ୍ ଖୋଲା ରହିଥିଲା। ଏଥିପାଇଁ କୌଣସି 'ପ୍ରବେଶ ଫି' ଦେବାକୁ ପଡ଼ିନଥିଲା।

ଆଞ୍ଚଳିକ ଫାଇନାଲ୍‌ରେ ୫ ରାଉଣ୍ଡ କ୍ୱିଜ୍ ଅନୁଷ୍ଠିତ ହେବା ପରେ ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଅକ୍ଷତ ପ୍ରନୀତ୍ ଏବଂ ସମ୍ପ୍ରୀତି କିରଣ ବିଜେତା ଘୋଷିତ ହୋଇଛନ୍ତି। ଚଳିତ ବର୍ଷର ଆଞ୍ଚଳିକ ଚାମ୍ପିଅନ୍ ବିଜେତା ଭାବେ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ପାଇଥିବା ବେଳେ ଡିଏଭି, ୟୁନିଟ୍-୮ ସ୍କୁଲ୍‌ର ସ୍ପନ୍ଦନ ଦାଶ ଏବଂ ଶିବପ୍ରସାଦ ରେଡ୍ଡୀ ରନର୍ସ ଅପ୍ ଭାବେ ପ୍ରତ୍ୟେକ ଆଇପ୍ୟାଡ୍ ମିନି ସମେତ ଟ୍ରଫି ଓ ମେଡାଲ ପାଇଛନ୍ତି। ଲିଖିତ ପ୍ରିଲିମ୍‌ନାରୀ ରାଉଣ୍ଡ ପରେ ଆଞ୍ଚଳିକ ଫାଇନାଲ୍‌ରେ ପ୍ରବେଶ କରିଥିବା ୬ ଫାଇନାଲିଷ୍ଟଙ୍କୁ ଟିସିଏସ୍ ପକ୍ଷରୁ ଲାପ୍‌ଟପ୍ ବ୍ୟାଗ୍, ହେଡ୍‌ଫୋନ୍, ସେଲ୍‌ଫି ଷ୍ଟିକ୍, ବ୍ଲୁଟୁଥ୍, ସିପର୍ ଓ ୟୁଏସ୍‌ବି ପେନ୍ ଡ୍ରାଇଭ୍ ଭଳି ବହୁ ପୁରସ୍କାର ମିଳିଛି।

ସମ୍ମାନିତ ଅତିଥି ପ୍ରଫେସର (ଡ.) ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳପତି-ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା ଏବଂ ମନୋଜ ପଣ୍ଡା, ସେଣ୍ଟର ମୁଖ୍ୟ-ଟିସିଏସ୍ ଭୁବନେଶ୍ବର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଟିସିଏସ୍ ଆଇଟି ୱିଜ୍ ଚଳିତ ବର୍ଷ ଭାରତର ୧୫ଟି ସହର ଯଥା-ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ବର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ୍, ଇନ୍ଦୋର, କୋଚି, କୋଲ୍‌କାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଓ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହି ଆଇଟି ୱିଜ୍ ପ୍ରଥମ ଥର ପାଇଁ ବିଶାଖାପାଟନମ୍‌ରେ ଅନୁଷ୍ଠିତ ହେଉଛି। ୧୯୯୯ରେ ଆରମ୍ଭ ହୋଇଥିବା ଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ, ଟିସିଏସ୍ ଆଇଟି ୱିଜ୍ ହେଉଛି ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭାରତର ସର୍ବବୃହତ ବିଦ୍ୟାଳୟ ସ୍ତରୀୟ କ୍ୱିଜ୍ ପ୍ରତିଯୋଗିତା। ଏହି କ୍ୱିଜ୍‌ରେ ଆଇଟି ଦକ୍ଷତା ନେଇ ସଚେତନତା ଓ ଗୁରୁତ୍ୱାରୋପ କରାଯାଇଥାଏ। ଏହା ଛାତ୍ରଛାତ୍ରୀଙ୍କ ଜ୍ଞାନକୌଶଳ ପ୍ରତି ଏକ ନୂଆ ପଥ ପ୍ରଦର୍ଶକ ହେବ। ଏବେକାର ସାମାଜିକ ଓ ଅର୍ଥନୈତିକ ସ୍ଥିତିରେ ଆଇଟି ଏକ ପ୍ରମୁଖ ଭୂମିକା ତୁଲାଉଛି। ଟିସିଏସ୍ ଆଇଟି ୱିଜ୍ ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ପାଇଁ କମ୍ପ୍ୟୁଟର ବିଜ୍ଞାନ, ଆଇଟି ଭଳି କ୍ଷେତ୍ରରେ ଏକ ସପ୍ଲିମେଣ୍ଟ ଭଳି କାର୍ଯ୍ୟ କରିବ।